# ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ଯୋଜନା "ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ ପାଇଁ ସହାୟତା"



ଆମ ରାଜ୍ୟ ଓଡ଼ିଶାରେ ୫୯୩୪୩ ହେକ୍ଟର ପରିମିତ ପ୍ରାୟ ୬୪୦୦୦ ଗ୍ରାମ ପଞ୍ଚାୟତ ପୋଖରୀ ଅଛି। ଏଥିରୁ ଅଧିକାଂଶ ପୋଖରୀ ଅବ୍ୟବହୃତ ହୋଇ ରହିଛି। ୨୦୧୮ ମସିହାରେ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଏକ ନୀତି ନିର୍ଦ୍ଧାରଣ କରାଯାଇ ପଞ୍ଚାୟତ ପୋଖରୀ ଗୁଡ଼ିକୁ ମାଛ ଚାଷ ନିମନ୍ତେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କୁ ଦୀର୍ଘମିଆଦି (୩ ରୁ ୫ ବର୍ଷ) ସୂତ୍ରରେ ଲିଜ ପ୍ରଦାନ ବ୍ୟବସ୍ଥା କରାଯାଇଛି। ଏହାପରେ ୨୦୧୮-୧୯ ରୁ ମିଶନଶକ୍ତି, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ଓ ମତ୍ସ୍ୟ ଓ ପଶୁ ସଂପଦ ବିକାଶ ବିଭାଗର ମିଳିତ ଉଦ୍ୟମରେ "ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ ପାଇଁ ସହାୟତା" ନାମରେ ଏକ ରାଜ୍ୟ ଯୋଜନା କାର୍ଯ୍ୟକାରୀ ହେଉଛି।

## ଯୋଜନାର ଲକ୍ଷ:

ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ ଦ୍ୱାରା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ପାଇଁ ଏହା ଆର୍ଥିକ ସ୍ୱାବଲମ୍ବୀର ସୁଯୋଗ ସୃଷ୍ଟି କରିବ। ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ହେବା ସହ ଗ୍ରାମାଞ୍ଚଳରେ ଅପପୁଷ୍ଟି ଦୂରୀକରଣ ଓ ସାଧାରଣରେ ମାଛ ଚାଷ ପ୍ରତି ଆଗ୍ରହ ସୃଷ୍ଟି କରିବ।

## ଯୋଜନାର କାର୍ଯ୍ୟକାରିତା:

ଏହି କାର୍ଯ୍ୟକ୍ରମର ବିପୁଳ ସଫଳତା ପରେ ମିଶନ ଶକ୍ତି ଅଧିନ ପ୍ରାୟ ୬୦୦୦ ଅଧିକ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ୨୦୨୧-୨୨ ରୁ ୨୦୨୩-୨୪ ମଧ୍ୟରେ ଚିହ୍ନଟ କରାଯାଇ ଏହି ଯୋଜନାରେ ସାମିଲ କରାଯିବ। ପଞ୍ଚାୟତ ପୋଖରୀକୁ ଚିହ୍ନଟ କରାଯାଇ ମହିଳା ଗୋଷ୍ଠୀମାନଙ୍କୁ ଦୀର୍ଘମିଆଦି ସୂତ୍ରରେ ଲିଜ ପ୍ରଦାନ କରାଯିବ। ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ମାଛଚାଷ ନିମନ୍ତେ ନିୟମିତ ବୈଷୟିକ ପରାମର୍ଶ ପ୍ରଦାନର ବ୍ୟବସ୍ଥା କରାଯାଇଛି। ମାଛଚାଷ ପାଇଁ ଆବଶ୍ୟକ ଉନ୍ନତ ଯାଆଁଳ, ମାଛଖାଦ୍ୟ, ସାର ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଣ ବାବଦରେ ହେକ୍ଟର ପ୍ରତି ପ୍ରକଳ୍ପ ମୂଲ୍ୟ ଟ.୧,୫୦,୦୦୦/- ଉପରେ ୬୦ ପ୍ରତିଶତ ଅର୍ଥାତ ହେକ୍ଟର ପ୍ରତି ସର୍ବାଧିକ ଟ୯୦,୦୦୦/- ରିହାତି ପ୍ରଦାନର ବ୍ୟବସ୍ଥା କରାଯାଇଛି।

## ମାଛ ଚାଷ ପାଇଁ ମିଳୁଥିବା ସହାୟତା (୧ ହେକ୍ଟର ପରିମିତ ପୋଖରୀ ପାଇଁ)

| ପ୍ରକଳ୍ପର ନାମ | ୟୁନିଟ୍ | ୟୁନିଟ୍ ମୂଲ୍ୟ (ଟଙ୍କାରେ) | ମହିଳା ଗୋଷ୍ଠୀଙ୍କ ସହଯୋଗ (ଟଙ୍କାରେ) | ସରକାରୀ ରିହାତି (ଟଙ୍କାରେ) | ମୋଟ ମୂଲ୍ୟ ଟଙ୍କାରେ |
|---|---|---|---|---|---|
| ପୋଖରୀ ହୁଡ଼ା ମରାମତି ଦଳ ନିରାକରଣ ଓ ଅନ୍ୟାନ୍ୟ | - | - | ୫,୦୦୦ | - | ୫,୦୦୦ |
| ଜଳ ପରିଚାଳନା, ଚୂନ ଓ ସାର ଇତ୍ୟାଦି | - | - | ୫,୦୦୦ | - | ୫,୦୦୦ |
| ବଡ଼ ଅଙ୍ଗୁଳିକା ଯାଆଁଳ | ୨୭୦୦ ଗୋଟି | ୧୨.୫୦ | - | ୩୩,୭୫୦ | ୩୩,୭୫୦ |
| ମହୁରାଳି/ଚିଙ୍ଗୁଡ଼ି/ ଅନ୍ୟ ଛୋଟ କାର୍ପ ମାଛ ଯାଆଁଳ | ୨୫ କି.ଗ୍ରା. | ୪୦୦.୦୦ | - | ୧୦,୦୦୦ | ୧୦,୦୦୦ |
| ମାଛ ଖାଦ୍ୟ | ୨୭୦୦ କି.ଗ୍ରା. | ୩୨.୦୦ | ୪୦,୧୫୦ | ୪୬,୨୫୦ | ୮୬,୪୦୦ |
| ଫାର୍ମ ମଜୁରୀ ଓ ଅମଳ ଖର୍ଚ୍ଚ | - | - | ୯,୮୫୦ | | ୯,୮୫୦ |
| ମୋଟ ମାଛଚାଷ ଖର୍ଚ୍ଚ | - | - | ୬୦,୦୦୦ | ୯୦,୦୦୦ | ୧,୫୦,୦୦୦ |

**ଗାଁ ପୋଖରୀରେ ମାଛ ଚାଷ, ମହିଳାଙ୍କୁ କରିବ ସଶକ୍ତ।**

**ଅଧିକ ବିବରଣୀ ଓ ସହାୟତା ନିମନ୍ତେ ବ୍ଲକ୍ କାର୍ଯ୍ୟାଳୟରେ ସହକାରୀ ମତ୍ସ୍ୟ ଅଧିକାରୀ କିମ୍ବା ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।**

**ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର**